

ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟକୁ ନେଇ ପୁଣି ଉଠିଲା ପ୍ରଶ୍ନ

ଛତ୍ରପୁର : ୨୧/୨ ଯେଉଁ କାରଣ ପାଇଁ ଛାତ୍ର ଅଶନ୍ତି ଦେଖାଦେବା ସହ ବ୍ରହ୍ମପୁର ସହରର ରାଜନୀତି ଚଳଚଞ୍ଚଳ ହୋଇ ଉଠିଥିଲା, ଶିକ୍ଷାବିତ୍ ଓ ବୁଦ୍ଧିଜୀବୀଙ୍କୁ ଚିନ୍ତାରେ ପକାଇଥିଲା ଏବେ ପୁଣି ସେହି ପ୍ରଶ୍ନ ଉଠିଛି । ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ନାଁ ସ୍ୱୟଂ ଶାସିତ ତଲେଜ ତାକୁ ନେଇ ଆଜି ମଧ ଦ୍ୱନ୍ଦ୍ୱ ରହିଛି । ଶନିବାର ଖଲ୍ଲିକୋଯ କଲେଜର ବାର୍ଷିକସ୍ୱବରେ ଅତିଥିଭାବେ ଯୋଗ ଦେଇ ପୂର୍ବତନ ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ପ୍ରଦୀପ ପାଣିଗ୍ରାହୀ ନିଜ ଭାଷଣ କାଳରେ ଉପରୋକ୍ତ ବିଷୟ ଉଠାଇ ପ୍ରସଙ୍ଗକୁ ପୁଣି ତାଜା କରିଛନ୍ତି । ଗତବର୍ଷ ସେ ମନ୍ତ୍ରୀ ଥିବା ସମୟରେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଅଧିନରେ ବାର୍ଷିକୋସ୍ୱବ ପାଳନ କରାଯିବା ତାଙ୍କୁ ଦୁଃଖିତ କରିଛି ବୋଲି ସେ କହିଥିଲେ । ୨୦୧୫ ରେ ଯେତେବେଳେ ଏହି ବିଶ୍ୱବିଦ୍ୟାଳୟର ପରିକଳ୍ପନା କରାଗଲା ସେତେବେଳେ ଖଲ୍ଲିକୋଟ କଲେଜର ସମସ୍ତ ପିଜି ବିଭାଗ ବିଶ୍ୱବିଦ୍ୟାଳୟକୁ ନିଆଯାଇ ଏହା ଅଧିନରେ ଅନ୍ୟଚାରୋଟି କଲେଜକୁ ମିଶାଇବାକୁ ଯୋଜନା ହୋଇଥିଲା । କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ଓଡ଼ିଶାରେ ପ୍ରଥମ ଥର ପାଇଁ ସ୍ଥାପନ କରାଯାଇ ଏହାକୁ ଗବେଷଣାର ଉତ୍କର୍ଷ କେନ୍ଦ୍ର ଭାବେ ନିର୍ମାଣ କରାଯିବାର ଯୋଜନା ହୋଇଥିଲା । କିନ୍ତୁ ଯେତେବେଳେ କଲେଜରୁ ପିଜି ବିଭାଗ ସ୍ଥାନାନ୍ତର ପ୍ରସଙ୍ଗ ଉଠିଲା ସେତେବେଳେ ସହରର କିଛି ରାଜନୈତିକ ଓ ଜଣାଶୁଣା ବ୍ୟମକ୍ତିବିଶେଷ ଏହାକୁ ଗବେଷଣାର ଉତ୍କର୍ଷ କେନ୍ଦ୍ର ଭାବେ ନିର୍ମାଣ କରାଯିବାର ଯୋଜନା ହୋଇଥିଲା । କିନ୍ତୁ ଯେତେବେଳେ କଲେଜରୁ ପିଜି ବିଭାଗ ସ୍ଥାନାନ୍ତର ପ୍ରସଙ୍ଗ ଉଠିଲା ସେତେବେଳେସହରର କିଛି ରାଜନୈତିକ ଓ ଜଣାଶୁଣା ବ୍ୟକ୍ତିବିଶେଷ ଏହାକୁ ତୀବ୍ର ବିରୋଧ କରିଥିଲେ । ପିଜି ବିଭାଗ ଉଠାଯାଇ ଖଲ୍ଲିକୋଯ କଲେଜର ଗୌରବ କ୍ଷୁର୍ଣ୍ଣ କରାଯାଉଥିବା ଅଭିଯୋଗ ହୋଇଥିଲା । ଫଳରେ ସରକାର ପିଜି ବିଭାଗ ଗୁଡ଼ିକୁ ପୁଣି ଫେରାଇବାକୁ ବାଧ ହୋଇଥିଲେ । ତେଣୁ ଦ୍ୱନ୍ଦ୍ୱ ଦୂର କରି ଖଲ୍ଲିକୋଟ କଲେଜକୁ ରେଭେନ୍ସା ଭଳି ଏକକ ବିଶ୍ୱବିଦ୍ୟାଳୟରେ ପରିଣତ କରିବାକୁ ଡ଼. ପାଣିଗ୍ରାହୀ ସେଠାରେ ମଞ୍ଚସୀନ ଥିବା ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସଙ୍କୁ ଅନୁରୋଧ କରିଥିଲେ । ଅନ୍ୟପକ୍ଷରେ ଏହି ପ୍ରସଙ୍ଗରେ ନିଜ ବକ୍ତବ୍ୟ ବକ୍ତବ୍ୟ ରଖି ମନ୍ତ୍ରୀ ଶ୍ରୀ ଦାସ ପହିଥିଲେ ଯଦି ଆଜିବି ସେଭଳି କିଛି ଦ୍ୱନ୍ଦ୍ୱ ରହିଛି ତେବେ ବିଶ୍ୱବିଦ୍ୟାଳୟର କୁଳପତି ଓ କଲେଜର ଅଧକ୍ଷଙ୍କ ସହ ବରିଷ୍ଠ ଅଧାପର ମାନେ ଆସି ତାଙ୍କ ସହ ଆଲୋଚନା କରିବା ଆବଶ୍ୟକ । ଯଦି ଦରକାର ପଡ଼େ ତେବେ ବିଶ୍ୱବିଦ୍ୟାଳୟ ଓ କଲେଜକୁ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଯେଉଁ ନୋଟିଫିକେସନ ବାହାରିଛି ତାକୁ ବଦଳାଯିବ ବୋଲି ମଧ ମନ୍ତ୍ରୀ ପ୍ରତିଶୃତି ଦେଇଥିଲେ । ଏହି ପ୍ରସଙ୍ଗରେ କୁଳପତି ପ୍ରଫେସର ଅମରେନ୍ଦ୍ର ନାରାୟଣ ମିଶ୍ର କହିଥିଲେ ଯେହେତୁ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର କାର୍ଯ୍ୟାଳୟ କଲେଜ ଭିତରେ ଚାଲୁଛି ତେଣୁ ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀଙ୍କ ମନରେ ଦ୍ୱନ୍ଦ୍ୱରହିଛି । ବିଶ୍ୱବିଦ୍ୟାଳୟର ନିଜସ୍ୱ କ୍ୟାମ୍ପସ ନିର୍ମାଣ ସରିବା ପରେ ଦ୍ୱନ୍ଦ୍ୱ ଦୂର ହୋଇଯିବ ବୋଲି କୁଳପତି କହିଥିଲେ ।ସୂଚନାଯୋଗ୍ୟଯେ, ଗତବର୍ଷ କଲେଜର ବାର୍ଷିକୋସ୍ୱବ ବିଶ୍ୱବିଦ୍ୟାଳୟ ଅଧିନରେ ହୋଇଥିବା ବେଳେ ଚଳିତବର୍ଷ ସ୍ୱୟଂ ଶାସିତ କଲେଜ ଅଧିନରେ କରାଯାଉଛି । ଏହି କଥାକୁ ନେଇ ଛାତ୍ରଛାତ୍ରୀଙ୍କ ମନରେ ପ୍ରଥମରୁ ହିଁ ଅସନ୍ତୋଷ ଲାଗି ରହିଥିଲା । ଯାହାକୁ ନେଇ ବାର୍ଷିକୋସ୍ୱବ ପାଳନ ବିଳମ୍ବ ଘଟିଥିଲା । ସେମାନେ କଲେଜର ନାଁ ବିଶ୍ୱବିଦ୍ୟାଳୟର ତାହା ସ୍ୱଷୟ କରିବାକୁ ଡିସେମ୍ବର ମାସରେ ଛାତ୍ରଛାତ୍ରୀ କଲେଜରେ ଧାରଣ ଦେବା ସହ ଫାଟକରେ ତାଲା ପକାଇ ଦେଇଥିଲେ । ଖଲ୍ଲିକୋଟ କଲେଜକୁ ଏକକ ବିଶ୍ୱବିଦ୍ୟାଳୟ ଭାବେ ଘୋଷଣ କରିବାକୁ ଦାବି କରିଥିଲେ ।

ଅନୁସୂଚିତ ଜାତି ଓ ଜନଜାତି ନିର୍ଯ୍ୟାତନା ନିବାରଣ ଆଇନ ସମ୍ପର୍କିତ ତାଲିମ ଶିବିର

କେନ୍ଦ୍ରାପଡା ୨୧/୨ – ଜିଲ୍ଲା ମଙ୍ଗଳ ବିଭାଗ ଆନୁକୁଲ୍ୟରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ଦିବସୀୟ ଅନୁସୂଚିତ ଜାତି ଓ ଜନଜାତି ନିର୍ଯ୍ୟାତନା ନିବାରଣ ଆଇନ ଏବଂ ନାଗରିକ ଅଧିକାର ସୁରକ୍ଷା ସମ୍ପର୍କିତ ଜିଲ୍ଲା ସ୍ତରୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ରଘୁଜୀ ଏହି ଶିବିରକୁ ଉଦଘାଟନକରି କହିଥିଲେ ଯେ ଦେଶରେ ସ୍ୱାଧୀନତା ପରଠାରୁ ଅନୁସୂଚିତ ଜାତି ଓ ଜନଜାତିର ଲୋକମାନଙ୍କ ଉନ୍ନୟନ ଏବଂ ସୁରକ୍ଷା ପାଇଁ ବିଭିନ୍ନ ଆଇନ ଓ ନିୟମାବଳୀ ପ୍ରସ୍ତୁତ କରାଯାଇଛି । ସେଥି ମଧ୍ୟରୁ ୧୯୫୫ ର ନାଗରିକ ସୁରକ୍ଷା ଆଇନ ଓ ନିୟମାବଳୀ ୧୯୨୭,ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ନିର୍ଯ୍ୟାତନା ନିବାରଣ ଆଇନ ୧୯୮୯ ଓ ନିୟମାବଳି ୧୯୯୫ ବିଶେଷ ଗୁରୁତ୍ୱପୂର୍ଣ୍ଣ । ଏ ଦିଗରେ ପୋଲିସ ଓ ତହସିଲଦାରଙ୍କ ଗୁରୁ ଦାୟିତ୍ୱ ରହିଛି ବୋଲି କହିବା ସହିତ ଏହି ଜିଲ୍ଲାରେ ଅନୁସୂଚିତ ଜାତିର ଲୋକସଂଖ୍ୟା ଅଧିକ ଥିବାରୁ ଏହି ଆଇନ ସମ୍ପର୍କରେ ଜନସାଧାରଣ ସଚେତନ ହେବାର ଗୁରୁତ୍ୱ ଦୃଷ୍ଟିରୁ ଏଭଳି କର୍ମଶାଳାର ଆୟୋଜନ କରାଯାଇଛି ବୋଲି ଜିଲ୍ଲାପାଳ ରଘୁଜୀ କହିଥିଲେ । ପବ୍ଲିକ ପ୍ରସିକ୍ୟୁଟର ଭୀମସେନ ଭୂୟାଁ ଶିବିରରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଏହି ଆଇନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିବା ସହିତ ଏହି ଆଇନ ସମ୍ପର୍କିତ ମାମଲା ଗୁଡିକ ଶିଘ୍ର ଫଇସଲା ପାଇଁ ଅନ୍ୟ ରାଜ୍ୟ ପରି ସ୍ୱତନ୍ତ୍ର କୋର୍ଟ ପ୍ରତିଷ୍ଠାର ଆବଶ୍ୟକତା ରହିଛି ବୋଲି କହିବା ସହିତ ମାମଲା ଗୁଡିକର ତୁରନ୍ତ ବିଚାର ପାଇଁ ୩୦ ଦିନ ମଧ୍ୟରେ ଉପଖଣ୍ଡ ପୋଲିସ ଅଧିକାରୀ ବା ତଦୁର୍ଦ୍ଧ ପାହ୍ୟାର ଅଧିକାରୀଙ୍କ ଓ ତହସିଲଦାର ମିଳିତ ତଦନ୍ତ କରି ରିପୋର୍ଟ ପ୍ରଦାନ ଏବଂ ତହସିଲଦାରମାନେ ତୁରନ୍ତ ଜାତିଗତ ପ୍ରମାଣପତ୍ର ପ୍ରଦାନ କରିବାକୁ ମତବ୍ୟକ୍ତ କରିଥିଲେ । ଅନ୍ୟତମ ରିସୋର୍ସ ପର୍ସନ ଗୋକୁଳ ରଞ୍ଜନ ଦାସ ୧୯୯୮ ଆଇନର ଆବଶ୍ୟକତା ବିଷୟରେ ଆଲୋଚନା କରିବା ସହିତ ଆଇନ ପ୍ରତି ସମସ୍ତଙ୍କର ସମ୍ମାନ ରହିବା ଓ ଏହି ଆଇନର ଦୁରୁଗଯୋଗ ନହେବା ପାଇଁ ଉଚ୍ଚ ପୋଲିସ ଅଧିକାରୀ ତଦନ୍ତ ଦାୟିତ୍ୱ ନେବାକୁ ପରାମର୍ଶ ଦେଇଥିଲେ । ଏହି ଆଇନର ବ୍ୟବସ୍ଥା ଅନୁଯାଇ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକଙ୍କ ଉପରେ ଅନ୍ୟ ବର୍ଗର ଲୋକଙ୍କ ଦ୍ୱାରା ହେଉଥିବା ନିର୍ଯ୍ୟାତନାକୁ ପ୍ରତିହତ କରିବା ପାଇଁ ବିଭିନ୍ନ ବ୍ୟବସ୍ଥା ରହିଛି । ନିର୍ଯ୍ୟାତିତ ଅନୁସୂଚିତ ଜାତି ଓ ଜନଜାତିର ଲୋକଙ୍କୁ ଆଇନଗତ ସହାୟତା ଯୋଗାଇ ଦେବାପାଇଁ କେନ୍ଦ୍ରାପଡା ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ଏବଂ ଜିଲ୍ଲା ମୁଖ୍ୟାଳୟରେ ୨ଜଣ ଲେଖାଁଏ ଅଭିଜ୍ଞ ଓକିଲଙ୍କୁ ନଯୁକ୍ତି ଦିଆଯାଇଛି । ସାମାଜିକ ସମାନତା ଓ ଜାତି ଭିତିକ ପ୍ରଥା ଉଚ୍ଛେଦ କରିବା ପାଇଁ ଉଚ ବର୍ଣ୍ଣର ଲୋକମାନଙ୍କ ସହିତ ଅନୁସୂଚିତ ଜାତିର ଲୋକଙ୍କ ବିବାହ ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି । ଜିଲ୍ଲା ସ୍ତରରେ ତଦାରଖ ଓ ପର୍ଯ୍ୟବେକ୍ଷଣ କମିଟି ମାନ ଗଠନ କରାଯାଇ ନିର୍ଯ୍ୟାତନା ଘଟଣା ଓ ଆଇନ ବ୍ୟବସ୍ଥାର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରାଯାଉଛି । ଏହି କର୍ମଶାଳାରେ ଜିଲ୍ଲା ମଙ୍ଗଳ ଅଧିକାରୀ କାଳନ୍ଦୀ ଚରଣ ଭୋଇ,ଡି.ଏସ.ପି.(ଏଚ.ଆର.ପି.ସି.) ଅଶୋକ କୁମାର ବେହେରା,କେନ୍ଦ୍ରାପଡା ଉପଖଣ୍ଡ ପୋଲିସ ଅଧିକାରୀ ରାଜିବଲୋଚନ ପଣ୍ଡା,ପଟ୍ଟାମୁଣ୍ଡାଇ ଉପଖଣ୍ଡ ପୋଲିସ ଅଧିକାରୀ ଉମାଶଙ୍କର ମହାରଣା,ସମସ୍ତ ତହସିଲଦାର,ସମସ୍ତ ମଙ୍ଗଳ ସଂପ୍ରସାରଣ ଅଧିକାରୀ,ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଯୁବକ/ଯୁବତୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

କେନ୍ଦ୍ରାପଡା କଲେଜ ଜାତୀୟ ସେବା ଯୋଜନା ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

କେନ୍ଦ୍ରାପଡା ୨୧/୨ – କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ଶରୀର ଓ ଅଙ୍ଗଦାନ ସମ୍ପର୍କରେ ଏକ ସଚେତନତା ଶିବିର ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଉପାଧ୍ୟକ୍ଷ ପ୍ରାଧ୍ୟାପକ ବିନ୍ଦୁମିତ୍ର ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ସଚେତନତା ଶିବିରରେ ଲୋକସେବକ ମଣ୍ଡଳର ଆଜୀବନ ସଭ୍ୟ ଡଃ ପ୍ରଭାସ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶରୀର ଓ ଅଙ୍ଗଦାନ ଦ୍ୱାରା ସମାଜରେ ଭିନ୍ନକ୍ଷମ ମାନଙ୍କୁ ଏକ ନୂତନ ଜୀବନ ଦେବାରେ ଏହା ସହାୟକ ହୋଇଥାଏ ବୋଲି କହିବା ସହିତ ଏଭଳି ଏକ ନୂତନ ସମାଜ ଗଠନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଉତ୍କଳ ବିଶ୍ୱ ବିଦ୍ୟାଳୟ ଜାତୀୟ ସେବା ଯୋଜନାର ସଂଯୋଜକ ଡଃ ମନୋରଞ୍ଜନ ମହାନ୍ତି ଏଥିରେ ଯୋଗଦେଇ ଅଙ୍ଗଦାନ ଏକ ମହତ ଦାନ ହୋଇଥିବାରୁ ସମସ୍ତେ ଏଥି ପାଇଁ ଆଗେଇ ଆସିବାକୁ ଅନୁରୋଧ କରିଥିଲେ । ଅଧ୍ୟାପକ ଡଃ ଶ୍ରୀଧର ସାମଲ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ଡଃ ଗୌର ପ୍ରସାଦ ସଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ । ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର (ବାଳିକା)ପ୍ରୋଗ୍ରାମ ଅଫିସର ପ୍ରାଧ୍ୟାପିକା ନମିତା ପାତ୍ର,ଜିଲ୍ଲା ସଂଯୋଜକ ଶୀଶିର କୁମାର ମହାପାତ୍ର,ଛାତ୍ର ସଂସଦ ସଭାପତି ଚିତ୍ତରଞ୍ଜନ ଦାସଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ଏହି ଶିବିରରେ ଉପସ୍ଥିତ ଥିଲେ ।

ଶ୍ରୀମା'ଙ୍କ ୧୪୦ତମ ଜନ୍ମ ସମାରୋହ

ଛତ୍ରପୁର–୨୧/୨– ଗଂଜାମ ଜିଲ୍ଲାର ସଦର ମହକୁମା ଛତ୍ରପୁର ସ୍ଥିତ ଶ୍ରୀମା' ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ପ୍ରାଙ୍ଗଣରେ ଦିବ୍ୟ ଜନନି ଶ୍ରୀମା'ଙ୍କ ୧୪୦ ତମ ଜନ୍ମଜୟନ୍ତି ବୁଧବାର ମହାସମାରୋହରେ ପାଳିତ ହୋଇଯାଇଛି । ସମାରୋହରେ ପି.ଜାଗାରାଓ ରେଡ଼ି ମାତୃପତାକା ଉତ୍ତଳନ କରି ଛାତ୍ରଛାତ୍ରୀ ମାନଙ୍କୁ ଦିଗ୍‌ଦର୍ଶନ ଦେଇଛନ୍ତି । ସମାରୋହରେ ଶିକ୍ଷା କେନ୍ଦ୍ରର ପରିଚାଳନା ସମିତିର ସମସ୍ତ ସଦସ୍ୟ ବୃନ୍ଦ ଉପସ୍ଥିତ ରହି ଶ୍ରୀ ଅରବିନ୍ଦଙ୍କ ପବିତ୍ର ଦେହାଂଶକୁ ସ୍ୱାଗତ କରିବା ସହ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରିଡ଼ା ପ୍ରତିଯୋଗିଙ୍କୁ ଉଲ୍ଲେଖନୀୟ ସଫଳତା ହାସଲ କରିଥିବାରୁ ପୁରସ୍କୃତ କରାଯାଇଥିଲା । ଏଥିରେ ଶିକ୍ଷାକେନ୍ଦ୍ରର ସମ୍ପାଦକ ସୁମିତ ସାହୁଙ୍କ ସମେତ ସମସ୍ତ ଗୁରୁଜି ଗୁରୁମା ମାନେ ଉପସ୍ଥିତ ଥିଲେ ।

ବ୍ଲେଡରେ ଗଳା କାଟି ମହିଳା ଗୁରୁତର

କେନ୍ଦ୍ରାପଡା ୨୧/୨– ଜନୈକ ମହିଳା ଗଳା କାଟି ଗୁରୁତର ଆହାତ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ଦେଖିବାକୁ ମିଳିଛି । ଘଟଣାରୁ ପ୍ରକାଶ ଯେ କେନ୍ଦ୍ରାପଡା ସଦରଥାନା ଅନ୍ତର୍ଗତ ଜଙ୍ଘାଙ୍ଗ ଗ୍ରାମର ରମାକାନ୍ତ ମହାନ୍ତି ଙ୍କ ପତ୍ନି ରୋଜାଲିନ ଖୁଣ୍ଟିଆ (୨୫) ଏକ ଧାରୁଆ ବ୍ଲେଡରେ ନିଜର ଗଳା, ଜଙ୍ଘ, ହାତ ପ୍ରଭୃତି ୪ ରୁ ଉର୍ଦ୍ଧ୍ୱ ଯାଗାକୁ କାଟି ଦେଇଥିଲେ । ଏହା ଦେଖିବା ପରେ ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଅଧିକ ରକ୍ତସ୍ରାବ ହେବା ସହିତ ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡିଛି । ସୂଚନା ଯୋଗ୍ୟ ଯେ ରମାକାନ୍ତ ଜଣେ ରଙ୍ଗ ମିସ୍ତ୍ରୀ ଭାବେ କାମ କରନ୍ତି । ସେ ଦୈନିକ ମଦ୍ୟପାନ କରି ନିଜ ପତ୍ନି ରୋଜାଲିନକୁ ବାଡିଆ ପିଟା କରୁଥିବାରୁ ଏଥିରେ ଅତିଷ୍ଠ ହୋଇ ରୋଜାଲିନ ଆତ୍ମହତ୍ୟା ଉଦ୍ୟମ କରିଥିବା ପରିବାର ସଦସ୍ୟଙ୍କ ଠାରୁ ସୂଚନା ମିଳିଛି ।

ବେଦବ୍ୟାସରେ ବ୍ୟାସ ମହୋତ୍ସବ ଉଦ୍‌ଘାଟିତ

ରାଉରକେଲା,୨୧।୨: ପ୍ରସିଦ୍ଧ ଶୈବ ପୀଠ ବେଦବ୍ୟାସ ଠାରେ ବେଦବ୍ୟାସ ବ୍ୟାସଦେବ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ବ୍ୟାସ ମହୋତ୍ସବ–୨୦୧୮ ଶୁଭାରମ୍ଭ ହୋଇଛି । ଏହି ଉତ୍ସବରେ ରାଜଗାଙ୍ଗପୁର ବିଧାୟକ ମଙ୍ଗଳା କିଶାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ଜାଳି କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ । ସେ ଏହି ଅବସରରେ କହିଲେ ଯେ, ବେଦବ୍ୟାସ ପୀଠର ମାହାତ୍ମ ସମଗ୍ର ବିଶ୍ୱରେ ଅନନ୍ୟ ଅଟେ । ବେଦବ୍ୟାସକୁ ରାଜ୍ୟ ସରକାର ପର୍ଯ୍ୟଟନ ସ୍ଥଳୀ ଭାବେ ଘୋଷଣା କରିଛନ୍ତି । ଆଗାମୀ ଦିନରେ ସରକାରଙ୍କ ପକ୍ଷରୁ ଏହି ପୀଠର ବିକାଶ ପାଇଁ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ଶ୍ରୀ କିଶାନ ପ୍ରକାଶ କରିଥିଲେ । ସେ ଆହୁରି ମଧ୍ୟ କହିଲେଯେ, ବେଦବ୍ୟାସର ବିକାଶ କରିବା ତାଙ୍କର ପ୍ରମୁଖ ଲକ୍ଷ୍ୟ ଅଟେ । ସେ ବେଦବ୍ୟାସ ଠାରେ ଏକ ସେଡ୍ ନିର୍ମାଣ ପାଇଁ ବିଧାୟକ ପାଣ୍ଠିରୁ ୫ ଲକ୍ଷ ଅନୁଦାନ ପ୍ରଦାନ କରିବେ ବୋଲି ଘୋଷଣା କରିଥିଲେ । ବେଦବ୍ୟାସ ଠାରେ ସାଧୁ ଓ ସନ୍ନାସୀ ମାନଙ୍କ ପାଇଁ ଏକ ଆଶ୍ରୟ ଗୃହ ନିର୍ମାଣ ହେବା ପାଇଁ ସେ ସୂଚନା ଦେଇଥିଲେ । ବେଦବ୍ୟାସ ଠାରେ ବହୁ ବର୍ଷ ତଳେ ଋଷି ବେଦବ୍ୟାସଙ୍କ ଦ୍ୱାରା ପ୍ରସିଦ୍ଧ ମହାଭାରତର ରଚନା କରାଯାଇଥିଲା । ଯାହାକି ଆଗାମୀ ଦିନରେ ବିଶ୍ୱ ପ୍ରସିଦ୍ଧି ଲାଭ କରିଥିଲା ବୋଲି ଶ୍ରୀ କିଶାନ କହିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କାଂସବାହାଲ ଆଇଆଇପିଏମର ନିର୍ଦ୍ଦେଶକ ପ୍ରଫେସର ନିରଂଜନ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କହିଲେଯେ, ବେଦବ୍ୟାସ ସାରା ରାଜ୍ୟରେ ପ୍ରସିଦ୍ଧ ଲାଭ କରିଥିଲେ ସୁଦ୍ଧା ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ପୀଠର ବିକାଶ ନହେବା କ୍ଷୋଭ ଓ ପରିତାପର ବିଷୟ । ସରକାର ଏଥିପ୍ରତି ଯତ୍ନବାନ ହେବା ଆବଶ୍ୟକ ବୋଲି ସେ ଗୁରୁତ୍ୱାରୋପ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ କୋଲକାତା ଶାନ୍ତି ନିକେତନ ପ୍ରଫେସର ବୁଦ୍ଧଦେବ ଷଡ଼ଙ୍ଗୀ ତାଙ୍କ ବକ୍ତବ୍ୟରେ କହିଲେଯେ, ବେଦବ୍ୟାସର ବିକାଶ ପାଇଁ କେବଳ ରାଜ୍ୟ ସରକାର ନୁହେଁ, ବରଂ କେନ୍ଦ୍ର ସରକାର ମଧ୍ୟ ଯତ୍ନବାନ ହେବା ନିହାତି ଜରୁରୀ ଅଟେ । ଏହି ଠାରେ ତିନୋଟି ନଦୀ ଗଙ୍ଗା, ଯମୁନା, ସରସ୍ୱତୀର ସଙ୍ଗମ ସ୍ଥଳ ଅଟେ । ବନାରସ ଠାରୁ ମଧ୍ୟ ଏହା ପବିତ୍ର ସ୍ଥାନ ଅଟେ । ଏଠାରେ ବହୁଥିବା ପବିତ୍ର ସରସ୍ୱତୀ ଜଳକୁ ପାନ କଲେ ବିଭିନ୍ନ ପ୍ରକାର ଦୁରାବ୍ୟାଧିରୁ ମୁକ୍ତି ମିଳିଥାଏ ବୋଲି ସେ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ବ୍ୟାସଦେବ ଫାଉଣ୍ଡେସନ ଟ୍ରଷ୍ଟର ଚ୍ୟାୟରମ୍ୟାନ ଦେବ ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଡ. ଉମା ପଣ୍ଡା ମଂଚ ପରିଚାଳନା କରିଥିଲେ । ଏହି ଅବସରରେ ଏକ ପୁସ୍ତକକୁ ଅତିଥି ମାନେ ଉନ୍ମୋଚନ କରିଥିଲେ । କାଂସବାହାଲ ଆଇଆଇପିଏମର ନିର୍ଦ୍ଦେଶକ ପ୍ରଫେସର ନିରଂଜନ ନାୟକଙ୍କୁ ବ୍ୟାସଦେବ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ବିଭିନ୍ନ ପ୍ରକାର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କଳାକାର ମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା । ବିଶେଷ କରି କଳାକାର ମାନଙ୍କ ଦ୍ୱାରା ମଂଚସ୍ଥ ଓଡ଼ିଶୀ ନୃତ୍ୟରେ ଦର୍ଶକ ମାନେ ଝୁମି ଉଠିଥିଲେ । ଏହି କାର୍ଯ୍ୟକ୍ରମକୁ କଲ୍ୟାଣ ସେବାଶ୍ରମର ଅଗ୍ନି ବାବା, ସଂସ୍କୃତ ମହାବିଦ୍ୟାଳୟ ପ୍ରଫେସର ଉମାକାନ୍ତ ପଣ୍ଡା, ଇତିହାସ ଅଧ୍ୟାପକ ଚନ୍ଦ୍ରଧ୍ୱଜ ମାଝୀ, ବିଜେଡ଼ି କାର୍ଯ୍ୟକାରିଣୀ ସଦସ୍ୟ ଜିତୁ ଦାସ ଲାଠିକଟା ପଂଚାୟତ ସମିତି ସଭ୍ୟ ମହେଶ ନାଗ ପ୍ରମୁଖ ପରିଚାଳନା କରିବାରେ ସକ୍ରୀୟ ଭୂମିକା ନିର୍ବାହ କରିଥିଲେ । କାର୍ଯ୍ୟକ୍ରମରେ ବେଦବ୍ୟାସ ସମେତ ଆଖପାଖ ଅଂଚଳ ବହୁ ଦର୍ଶକ ଉପସ୍ଥିତ ଥିଲେ ।

ନିଶ୍ଚିନ୍ତକୋଇଲିରେ ନୂଆ ତହସିଲଦାରଙ୍କ ଯୋଗଦାନ

ନିଶ୍ଚିନ୍ତକୋଇଲି,୨୧।୨ (ନିପ୍ର)– ନିଶ୍ଚିନ୍ତକୋଇଲି ତହସିଲରେ ନୂଆ ତହସିଲଦାର ଭାବରେ ଜିତେନ୍ଦ୍ର କୁମାର ପାତ୍ର କାର୍ଯ୍ୟରେ ଯୋଗଦେଇଛନ୍ତି । ଏଠାରେ ପୂର୍ବରୁ କାର୍ଯ୍ୟକରୁଥିବା ତହସିଲଦାର ଦେବାଶିଷ ପଟ୍ଟନାୟକଙ୍କ ଠାରୁ ଶ୍ରୀ ପାତ୍ର ଦାୟିତ୍ୱ ନେଇଛନ୍ତି । କାର୍ଯ୍ୟରେ ଯୋଗଦେବା ପରେ ନୂତନ ତହସିଲଦାରଙ୍କୁ ରେଭିନ୍ୟୁବାର ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ବାର ସଭାପତି ଆଡଭୋକେଟ୍ ଅଶୋକ କୁମାର ମହାପାତ୍ର, ସଂପାଦକ ଅଶୋକ କୁମାର ସାହୁ, କୈଳାସ ଚନ୍ଦ୍ର ବେହେରା, ବ୍ୟୋମକେଶ ପରିଡା ମୋହନ୍ତିଆ ଭାସ୍କର ନାଥ, ଧରଣୀଧର ବେଜ, ମୃଷି ରାଉଳ, ଲକ୍ଷ୍ମୀଧର ଦାସ, ଅଭିରାମ ମଲ୍ଲିକ ପ୍ରମୁଖ ତହସିଲଦାରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ ।

ଇଞ୍ଜେକ୍ସନ ନାହିଁ : ଲୋକେ ଚରମ ଦୁର୍ଦ୍ଦଶାର ସମ୍ମୁଖୀନ

ନିଶ୍ଚିନ୍ତକୋଇଲି (ନିପ୍ର)–ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଦ୍ୟାବଧି କୁକୁରକାମୁଡା ଇଞ୍ଜେକ୍ସନ ଆସିଲା ନାହିଁ ଏହାଦ୍ୱାରା ଲୋକେ ଚରମ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି । ଏହାକୁ ବାହାରୁ କିଣିନେବାକୁ ସମର୍ଥ ହେଉନଥିବା ବ୍ୟକ୍ତି ଏକପ୍ରକାର ସଂକଟରେ ପଡିଛନ୍ତି । ଏହି ଇଞ୍ଜେକ୍ସନ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତୁରନ୍ତ ଯୋଗାଇଦେବାକୁ ଭାଜପା ଯୁବନେତା ଜଗବନ୍ଧୁ ସ୍ୱାଇଁ ଦାବିକରିଛନ୍ତି । ପାଖାପାଖି ଏକମାସ ହେବ ଏହି ଇଞ୍ଜେକ୍ସନ ସରିଥିଲେ ହେଁ ଏଠାକୁ ଷ୍ଟକ ଦିଆଯାଉନାହିଁ ।

ମୂଲକିୟା ହୋ କମିଟି ପକ୍ଷରୁ ଦିଶୁମ୍ ମାଗେ ପର୍ବ ପାଳିତ

ରାଉରକେଲା,୨୧।୨: ସାରନଗରୀସ୍ଥିତ ବୋଇତ ବନ୍ଦାଣ ପଡିଆଠରେ ମୁଲକିୟା ହୋ କମିଟି ପକ୍ଷରୁ ଦିଶୁମ ମାଗେ ପର୍ବ ପାଳିତ ହୋଇଯାଇଛି । ପ୍ରଥମେ ଗ୍ରାମର ଦିଉରୀରାଜାଙ୍କୁ ବାଦ୍ୟ ଯନ୍ତ୍ରସହିତ ଘରୁ ପାଛୋଟି ଆଣି ଗ୍ରାମର ସାରନା ସ୍ଥଳରେ ପହଂଚାଇଥିଲେ ଓ ପୂଜା ଶେଷରେ ଦିଉରୀରାଜାଙ୍କୁ ନିଜ ଘରକୁ ଫେରାଇ ଆଣିଥିଲେ । ମୁଲକିୟା ହୋ କମିଟିର ସଭାପତି ଚାମ୍ରା ହେମ୍ବ୍ରମଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଗଦାଧର ତିୟୁ ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ ଜିଲ୍ଲା ଆଦିବାସୀ କଲ୍ୟାଣ ଅଧିକାରୀ ଅକ୍ଷୟ କୁମାର ପିଙ୍ଗୁଆ ଯୋଗ ଦେଇ କହିଲେ ଯେ ଆଦିବାସୀମାନଙ୍କର ସାଂସ୍କୃତିକ ପରମ୍ପରାକୁ ବଂଚାଇ ରଖିବା ଓ ମାଗେ ପର୍ବକୁ ପାରମ୍ପରିକ ଢଙ୍ଗରେ ପାଳନ କରିବା ପାଇଁ ଯୁବ ସମାଜକୁ ସେ ଆହ୍ୱାନ ଦେଇଥିଲେ । ହୋ ସମାଜର ବିଭିନ୍ନ କ୍ଷେତ୍ରରେ ଉନ୍ନତି ଯଥା ସାମାଜିକ, ସଂସ୍କୃତି, ଶିକ୍ଷା, ପ୍ରକୃତି ପୂଜା ଓ ବନସ୍ପତି ସୁରକ୍ଷା ଉପରେ ମହତ୍ୱପୂର୍ଣ୍ଣ ଉପଦେଶ ଦେଇଥିଲେ । ସମ୍ମାନୀତ ଅତିଥିଭାବେ ମୁଲକିୟା ହୋ କମିଟିର ସାଧାରଣ ସଂପାଦକ ଦାମ୍ଵା ଉଗୁରସାଣ୍ଡି ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ବୁଧାନ ସିଂ ହେସାଃ କହିଲେ ଯେ, ମା' ହିଁ ମାଗେ ବୋଲି ଅଭିହିତ କରି ହୋ ସମାଜର ମାଗେପର୍ବର ମହତ୍ୱ ବିଷୟରେ ବିସ୍ତୃତ ଆଲୋଚନା କରି ପିତୃ ପୁରୁଷ ଲୁକୁବୁଢ଼ା ଓ ଲୁକୁବୁଢ଼ୀ ହିଁ ମାନବ ସମାଜର ଜନ୍ମ ଦାତା ବୋଲି ସେ ଅଭିହିତ କରିଥିଲେ । ଏହି ଉତ୍ସବରେ କୁନି କୁନି ପିଲାମାନେ ମାଘପର୍ବର ନାଚଗୀତ ସୁନ୍ଦରଭାବେ ପରିବେଷଣ କରିଥିଲେ । ଏହା ସହିତ ଉପସ୍ଥିତ ସମସ୍ତ ପୁରୁଷ ଓ ନାରୀ ମାନେ ସାମୁହିକଭାବେ ମାଦଳ ଓ ନାଗରାର ତାଳରେ ନାଚଗୀତର ଉପଭୋଗ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ବାଗୁନ ମୁଣ୍ଡା, ହରିହର ସି ଖୁଂଟିଆ, ରାସି ସାମାଡ, ଦିଉରୀ ଗାଗରାଇ, ସାଧୁରାମ ବୋଦ୍ରା, ରାମରାଇ ବୋଇପାଇ, ଡଲେ ବିରୁଆ, ଜାନକି ବୋଇପାଇ, ଜେମା କାରଆ, କାରାନ ପିଙ୍ଗୁଆ, ତ୍ରିବନ ଗଡସରା, ଗଗନ ବାଆନ୍ଦା, ସେଲାଏ ପୁର୍ତି, ସୋମା ଗାଗରାଇ, ସାହିଲ ତିଉ, ସୁନିଲ ମୁଣ୍ଡା, ମଙ୍ଗଲ ମୁଣ୍ଡା, ଛୁଟି ମୁଣ୍ଡା, ପୁରାନ ମୁଣ୍ଡା, ବାବଲୁ ବୋଇପାଇ, ଭୀମ ସାମାଡ୍, ପ୍ରଧାନ୍ ହାନସଦା ପ୍ରମୁଖ ସହଯୋଗ କରିଥିଲେ । ଦିଲ୍ଲିପ ସିଂ ପୁର୍ତି ମଂଚ ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମ ଶେଷରେ ଦେବରାଜ ବାଣ୍ଡ୍ରା ଧନ୍ୟବାଦ ଅର୍ପଣ କରିଥିଲେ ।

ବ୍ରହ୍ମପୁରରେ ବଢୁଛି ଅଗ୍ନିକାଣ୍ଡ

ବିପଦରେ ଜନ-ଧନ

ଛତ୍ରପୁର–୨୧/୨– ଦକ୍ଷିଣ ଓଡ଼ିଶାର ବାଣିଜ୍ୟକ କେନ୍ଦ୍ର ବ୍ରହ୍ମପୁର ସହରରେ ଲୋକ ସଂଖ୍ୟା ଯେତିକି ପରିମାଣରେ ବଢୁଛି, ସେହି ପରିମାଣରେ କୋଠାବାଡ଼ି, କାର୍ଯ୍ୟାଳୟ, ହୋଟେଲ୍ ଏବଂ ଅନ୍ୟାନ୍ୟ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକର ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି । ଆବଶ୍ୟକତାକୁ ଦେଖି ହୁ ହୁ ହୋଇ ନୂତନ କୋଠା ନିର୍ମାଣ ହେଉଛି । ବହୁ ବୃହତ ଅଟ୍ଟାଳିକା ଏବେ ବ୍ରହ୍ମପୁର ସହରର ସବୁଆଡ଼େ ଦେଖିବାକୁ ମିଳୁଛି । କିନ୍ତୁ ଏହି ସୁଉଚ୍ଚ ଅଟ୍ଟାଳିକାଗୁଡ଼ିକ ପ୍ରତି ଏବେ ଅଗ୍ନି ବିପଦ ଦେଖାଦେଇଛି । କାରଣ କୋଠାଗୁଡ଼ିକରେ ଅଗ୍ନି ମୁକାବିଲା ବ୍ୟବସ୍ଥା ନାହିଁ । କ୍ଷଣକ ନିଆଁରେ ବହୁ ଲକ୍ଷ ଟଙ୍କାର ସମ୍ପତ୍ତି ଜଳି ପୋଡ଼ି ପାଉଁଶ ହୋଇଯାଉଛି । ବିଗତ କିଛି ବର୍ଷର ତଥ୍ୟକୁ ଦେଖିଲେ ସ୍ୱଷ୍ଟ ଜଣାପଡୁଛି ଯେ, ବ୍ରହ୍ମପୁରରେ ନିଆଁ ରେ ରହିଛି ଜନ ଓ ଧନ । ୨୦୧୫ ରୁ ୨୦୧୭ ମଧ୍ୟରେ ମାତ୍ର ତିନି ବର୍ଷରେ ୪୨୧ଟି ଅଗ୍ନିକାଣ୍ଡ ଜନିତ ଘଟଣା ଘଟିଛି । ଆଉ ଜଳିଯାଇଛି ୧ କୋଟି ୬୮ ଲ୪ ୭୫ ହଜାର ଟଙ୍କାର ସମ୍ପତ୍ତି । ମାତ୍ର ୧୫ ଦିନ ମଧ୍ୟରେ ଗେଟ୍ଟାବସ୍ତି ଏବଂ ହନୁମାନ ବଜାରରେ ଏକ ଶାଢ଼ି ଗୋଦାମ୍‌ରେ ଅଗ୍ନିକାଣ୍ଡ, ସହର ପ୍ରତି ବଢୁଥିବା ନିଆଁ ବିପଦକୁ ପ୍ରମାଣିତ କରୁଥିବା ଆଲୋଚନା ହେଉଛି । କୋଠା ନିର୍ମାଣ ନିର୍ମାଣ ହେଉଛି । ହେଲେ ଏହି କୋଠାଗୁଡ଼ିକର ଅଗ୍ନି ନିର୍ବାପକ ବ୍ୟବସ୍ଥା ଭଗବାନ ଭରସାରେ ରହୁଛି । ମାଲିକମାନେ କୋଠା ନିର୍ମାଣ ସମୟରେ ଏ ଦିଗକୁ ଦୃଷ୍ଟି ଦେଉନାହାନ୍ତି । ଥରେ ନିଆଁ ଲାଗିଲେ, ଜନ ଓ ଧନ ନଷ୍ଟ ହେଲେ, ଦୁର୍ଘଟଣା କହି ସମସ୍ତେ ଚୁପ୍ ହୋଇଯାଉଛନ୍ତି । ତଥାପି ସଚେତନ କିମ୍ବା ସତର୍କ ହେଉନାହାନ୍ତି । ଅଗ୍ନି ମୁକାବିଲା ଅନୁଯାୟୀ କୋଠାଗୁଡ଼ିକୁ ୯ଭାଗରେ ବିଭକ୍ତ କରାଯାଇଛି । ଏଥିରେ ରହିଛି, ଆବାସିକ, ଶିକ୍ଷାନୁଷ୍ଠାନ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ବ୍ୟବସାୟିକ କୋଠା, ଗୋଦାମ୍ ଗୃହ ଏବଂ ଦୃତ ଅଗ୍ନି ସଂଯୋଗକ୍ଷମ କୋଠା, ଆର୍ପାଟମେଣ୍ଟ, ହୋଟେଲ୍, ଲଜିଂ, ରେଷ୍ଟୁରାଣ୍ଟ, ସ୍କୁଲ, କଲେଜ, କଲ୍ୟାଣ ମଣ୍ଡପ , ଥିଏଟର୍, ସିନେମା ହଲ୍, ଅଡ଼ିଟୋରିୟମ୍, ଦୋକାନ, ବଜାର, ଗୋଦାମ୍ ଏବଂ ବାଣ କାରଖାନା କୋଠାର ଉଚ୍ଚତା ଅନୁଯାୟୀ, ଅଗ୍ନିରୁ ସୁରକ୍ଷା ଏବଂ ନିର୍ବାପକ ଦିଗରେ ପଦକ୍ଷେପ ନେବା କଥା । ତାହାର ଚାରିପାଖରେ ଜାଗା ରଖିବାକୁ ନିୟମ ରହିଛି । ସେହିଭଳି କୋଠାଗୁଡ଼ିକରେ ଅଗ୍ନି ମୁକାବିଲା ପାଇଁ ଫାୟାର୍ ଏକ୍ସଟିଂଗୁଇସର୍, ସ୍ପ୍ରିଙ୍କଲର୍ ଏବଂ ଆଲାର୍ମ ବ୍ୟବସ୍ଥା ଜରୁରୀ । କିନ୍ତୁ ବ୍ରହ୍ମପୁରରେ ଅଧିକାଂଶ କୋଠାରେ ଏସବୁ ବ୍ୟବସ୍ଥା ନାହିଁ । ଏପରିକି ବଡ଼ ବଡ଼ କୋଠାଗୁଡ଼ିକୁ ସଂଯୋଗ କରୁଥିବା ରାସ୍ତା ମଧ୍ୟ ଅଣଓସାରିଆ । କୋଠାଗୁଡ଼ିକର ଉପରେ ୫ହଜାର ଲିଟର କ୍ଷମତା ବିଶିଷ୍ଟ ପାଣି ଟାଙ୍କି ରହିବାକୁ ନିୟମ ରହିଛି । କିନ୍ତୁ ବ୍ରହ୍ମପୁରରେ ଏମିତି ଅନେକ ହୋଟେଲ୍ ଅଛି, ଯେଉଁଥିରେ ଏସମ୍ପର୍କିତ କୌଣସି ସୁବିଧା ନାହିଁ । କୋଠାଗୁଡ଼ିକ ଚାରିପାଖରେ ସର୍ବନିମ୍ନ ୬ମିଟର ଜାଗା ରହିବା କଥା । ଫଳରେ ଦମକଳ ଗାଡ଼ି ଗଲେ ସେଠାରେ ରହିବା ପାଇଁ ସୁବିଧା ହେବ । କିନ୍ତୁ କୋଠା ଚାରିପାକରେ ଜାଗା ଛଡ଼ାଯାଉନାହିଁ । ଏପରିକି ନିଆଁ ଲିଭା ଗାଡ଼ି ମଧ୍ୟ ବୁଲିପାରୁନି । ମଙ୍ଗଳବାର ହନୁମାନ ବଜାରରେ ଏକ ଶିଢ଼ି ଗୋଦାମରେ ଅଗ୍ନିକାଣ୍ଡ ସମୟରେ ଏହି ସମସ୍ୟା ଦେଖାଦେଇଥିଲେ । ଏକ ବାସଗୃହରେ ଗୋଦାମ ଚାଲିଥିଲା । ସେଠାକୁ ସଂଯୋଗ କରୁଥିବା ରାସ୍ତା ମଧ୍ୟ ଛୋଟ ଥିଲା । ଫଳରେ ନିଆଁ ଅଧିକ ବ୍ୟାପିଥିଲା ବୋଲି କୁହାଯାଉଛି । ଏନେଇ ବ୍ରହ୍ମପୁର ସହକାରୀ ଅଗ୍ନିଶ୍ରମ ଅଧୀକାରୀ ସନାତନ ମହାପାତ୍ର କୁହନ୍ତି, ଅଗ୍ନି ନିର୍ବାପକ ବ୍ୟବସ୍ଥା ପାଇଁ ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ବଡ଼ ବଡ଼ କୋଠାଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଉଛି । କିନ୍ତୁ ସେମାନେ ନିର୍ଦ୍ଦେଶକୁ ପାଳନ କରୁନାହାନ୍ତି । ଥରେ ନିଆଁ ଲାଗିଲେ, ସେଠାରେ ପହଞ୍ଚି ଲିଭାଇବା କଷ୍ଟ ହେଉଛି । ଏପରିକି କୋଠା ଭିତରୁ ଧୁଆଁ ପଦାକୁ ବାହାରିବା ପାଇଁ ମଧ୍ୟ ଜାଗା ରହୁନାହିଁ । ଏଣୁ ମଙ୍ଗଳବାରଠାରୁ ଗୁରୁବାର ପର୍ଯ୍ୟନ୍ତ ଏହି ୩ ଦିନ ଭିତରେ ୨୫୦ ପ୍ରତିଷ୍ଠାନ ନୋଟିସ୍ ଦିଆଯାଇଛି ।